# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 February – 2025

************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ବଜେଟ୍‌ରେ ଓଡ଼ିଶାକୁ ରେଳର ବିକାଶ ପାଇଁ ୧୦ହଜାର ୫୯୯କୋଟି ଟଙ୍କା ମଞ୍ଜୁର ।
- କେନ୍ଦ୍ର ସରକାରଙ୍କ ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ କାର୍ଯ୍ୟକ୍ରମରେ ଓଡ଼ିଶାର ୩୬ଲକ୍ଷରୁ ଅଧିକ ଶିଶୁ ଓ ମହିଳା ଉପକୃତ ହେବେ - କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣିରେ ୬ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗର ସମାଧାନ ହୋଇଥିବା ସୂଚନା ।

ଏବଂ

- ଆସନ୍ତାକାଲି ମାଘସପ୍ତମୀ; ଚନ୍ଦ୍ରଭାଗାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ।

## ରେଳ ବଜେଟ୍

ଚଳିତବର୍ଷ ବଜେଟ୍‌ରେ ରେଳବାଇରେ ଓଡ଼ିଶା ପାଇଁ ୧୦ହଜାର ୫୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ନୂଆଦିଲ୍ଲୀରେ ଆଭାସୀ ଜରିଆରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି ।

ରାଜ୍ୟରେ ଗତ ୧୦ବର୍ଷରେ ୨ହଜାର ୪୬ କିଲୋମିଟର ନୂଆ ରେଲୱେ ଟ୍ରାକ୍ ନିର୍ମାଣ କରାଯାଇଛି । ଯାହାକି ମାଲେସିଆରେ ଥିବା ରେଳ ନେଟୱର୍କଠାରୁ ଅଧିକ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ରାଜ୍ୟରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ, ୭୮ହଜାର କୋଟିର ପ୍ରକଳ୍ପ ନିର୍ମାଣ ଓ ୧୮୯୮ କିଲୋମିଟର ଟ୍ରାକ୍‌ରେ କବଚ ନିର୍ମାଣକାର୍ଯ୍ୟ ଶେଷ ହୋଇଛି । ଓଡ଼ିଶାରେ ଅଣଷଠିଟି ଅମୃତ ରେଳଷ୍ଟେସନ ପାଇଁ ବ୍ୟୟବରାଦ କରାଯାଇଛି । ଏହା ଅନ୍ତର୍ଗତ ୨ହଜାର ୩ଶହ ଅଣାଅଶୀ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଆଗମୀ ଦିନରେ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳର ଲକ୍ଷ୍ୟ ରଖାଯାଇଥିବା ରେଳମନ୍ତ୍ରୀ କହିଛନ୍ତି...

**- V/O –**

ଓଡ଼ିଶାକୁ ରେଳ ବଜେଟ୍‌ରେ କେନ୍ଦ୍ର ସରକାରଙ୍କ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ବଜେଟ୍

ଚଳିତବର୍ଷ କେନ୍ଦ୍ର ବଜେଟ୍‌ରୁ ଓଡ଼ିଶା ଲାଭବାନ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଅଗ୍ରଗତି ଓ ଅଭିବୃଦ୍ଧି ପାଇଁ ଯେଉଁ ଦୂରଦୃଷ୍ଟି ରଖିଛନ୍ତି ତାହା ଏହି ବଜେଟ୍ ମାଧମରେ ପୂରଣ ହୋଇପାରିବ । କେନ୍ଦ୍ର ବଜେଟ୍‌ରେ ସକ୍ଷମ ଅଙ୍ଗନବାଡି ଏବଂ ପୋଷଣ ୨.୦ କାର୍ଯ୍ୟକ୍ରମ ପାଇଁ ବ୍ୟୟବରାଦ ହୋଇଛି । ଏଥିରେ ଓଡ଼ିଶାର ୩୬ଲକ୍ଷରୁ ଅଧିକ ଶିଶୁ ଓ ଗର୍ଭବତୀ ମହିଳା ଉପକୃତ ହେବେ ।

ପିଏମ୍ ଧନଧାନ୍ୟ କୃଷି ଯୋଜନାରେ ଓଡ଼ିଶା ଭଳି କୃଷିଭିତ୍ତିକ ରାଜ୍ୟ ଲାଭବାନ ହେବା ସହ କପା ଉତ୍ପାଦକତା ମିଶନରେ ୧୨ଟି ଜିଲ୍ଲାରେ କପା ଉତ୍ପାଦନ ପ୍ରତି ପ୍ରୋତ୍ସାହନ ବଢ଼ିବ । ନୌବାଣିଜ୍ୟ କ୍ଷେତ୍ରରେ ୨୫ହଜାର କୋଟି ଟଙ୍କାର ଏକ କର୍ପସ ଗଠନ ଦ୍ୱାରା ରାଜ୍ୟରେ ବନ୍ଦରର ବିକାଶ, ନୂତନ ବନ୍ଦର ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଚଳିତ ବଜେଟ୍‌ରେ ହୋଇଥିବା ବ୍ୟବସ୍ଥାରୁ ରାଜ୍ୟର ୨ରୁ ୪ଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯାଇପାରିବ । ଖେଳନା କ୍ଷେତ୍ର ପାଇଁ ହୋଇଥିବା ଯୋଜନା ଓଡ଼ିଶାରେ କ୍ଲଷ୍ଟର ବିକାଶକୁ ସୁନିଶ୍ଚିତ କରିବା ସହ ଉଡାଣ ଯୋଜନାରେ ସମ୍ବଲପୁରର ଜମାଦାରପଲ୍ଲୀ, ଢେ଼ଙ୍କାନାଳର ବିର୍‌ସାଲ, ମୟୂରଭଞ୍ଜର ରାସଗୋବିନ୍ଦପୁର, ରଙ୍ଗେଇଲୁଣ୍ଡା, ରାଇକଳାରେ

ବିମାନ ବନ୍ଦରର ବିକାଶ ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି ।

## ଶିକ୍ଷକ-ଶିକ୍ଷୟିତ୍ରୀଙ୍କ କର୍ମଶାଳା

ନବନିଯୁକ୍ତ ଅନୁଦାନପ୍ରାପ୍ତ ବେସରକାରୀ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ୫ଦିନିଆ କର୍ମଶାଳା ଆଜି ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ରେ ଅନ୍ତର୍ଗତ ଆବଶ୍ୟକୀୟ ପରିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରୀକ୍ଷା ସମ୍ପର୍କିତ ଏକ ବିଶେଷ ଅଧିବେଶନ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୦୦ଜଣ ଶିକ୍ଷକଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଭାଗ ନେଇଛନ୍ତି ।

## ମୁଖ୍ୟମନ୍ତ୍ରୀ-ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଜନଅଭିଯୋଗ ଶୁଣାଣି ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ କରିଥିବା ୧ ହଜାର ଜଣଙ୍କ ଅଭିଯୋଗର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶୁଣାଣି କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକଙ୍କ ଅସୁବିଧାକୁ ଶୁଣି ଏହାର ତ୍ୱରିତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏ ପର୍ଯ୍ୟନ୍ତ ମୋଟ ୮ହଜାର ୩୧ ଦରଖାସ୍ତ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୬ହଜାର ୫୪୫ ଅଭିଯୋଗର ସମାଧାନ କରାଯାଇଥିବା ଶ୍ରୀ ମାଝି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ।

**- V/O -**

ସୂଚନାଯୋଗ୍ୟ, ଗତବର୍ଷ ଶେଷ ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ୩୦ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବାବେଳେ ୮୧ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି ।

**ପୁରୀ** ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କେନ୍ଦ୍ରାପଡାରେ ମୋଟ୍ ୧୮୦ଟି ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୧୪ଜଣ ଆବେଦନକାରୀଙ୍କୁ ଜିଲ୍ଲାପାଳ ସହାୟତା ବାବଦ ଟଙ୍କା ମଞ୍ଜୁର କରିଛନ୍ତି ।

**ଗଜପତି** ଜିଲ୍ଲାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅଭିଯୋଗର ଶୁଣାଣି କରି ୯ଟି ବ୍ୟକ୍ତିଗତ ଏବଂ ଗ୍ରାମଭିତ୍ତିକ ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ।

**ରାୟଗଡା** ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ୧୫ଟି ଅଭିଯୋଗର ତତ୍କାଳ ସମାଧାନ କରିଛନ୍ତି ।

**ନୟାଗଡ** ଜିଲ୍ଲାପାଳ ୨୮ଟି ମାମଲାର ତୁରନ୍ତ ସମାଧାନ କରିଥିବାବେଳେ ବୌଦ୍ଧ ଜିଲ୍ଲାରେ ୧୦ଟି ବ୍ୟକ୍ତିଗତ ଓ ୨ଟି ସାମୁହିକ ଅଭିଯୋଗ ସମାଧାନ ହୋଇଥିବା ଜଣାପଡିଛି ।

**ଗଞ୍ଜାମ** ଜିଲ୍ଲାପାଳ ୧୮୬ଟି ଅଭିଯୋଗର ଶୁଣାଣି କରି ୪ଜଣଙ୍କୁ ୨୩ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି ।

**ସୁବର୍ଣ୍ଣପୁର**ଠାରେ ଅନୁଷ୍ଠିତ ଶିବିରରେ ୪ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

**ସମ୍ବଲପୁର**ଠାରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ୮ଟି ଅଭିଯୋଗର ଶୁଣାଣି କରି ସମାଧାନ କରିଥିଲେ ।

ସେହିଭଳି **ଦେବଗଡ** ଜିଲ୍ଲାରେ ୧୦ଟି ବ୍ୟକ୍ତିଗତ ଓ ୨ଟି ସାମୁହିକ ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଶିବିରରେ ୧୩୯ଟି ଅଭିଯୋଗର ଶୁଣାଣି କରାଯାଇ ୫ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି ।

## ମାଘ ବୁଡ

ମାଘ ସପ୍ତମୀ ଅବସରରେ ଆସନ୍ତାକାଲି କୋଣାର୍କ  ଚନ୍ଦ୍ରଭାଗାରେ ମାଘ ବୁଡ଼ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୁଡ଼ ସ୍ଥାନ ଓ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡ ମୁତୟନ କରାଯିବା ସହ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚନ୍ଦ୍ରଭାଗା ବୁଡ଼ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁବିଧା ପାଇଁ ଟ୍ରାଫିକ କଟକଣା ଜାରି କରାଯାଇଛି। ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର କହିଛନ୍ତି, ଦ୍ରୁତ ଗାଡ଼ିଚାଳନା, ଅଧିକ ଯାତ୍ରୀ ପରିବହନ ଓ ଟ୍ରାଫିକ କଟକଣା ଉଲ୍ଲଘଂନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କଟକଣା ଆଜି ଦିନ ୧୨ଟାରୁ ଆସନ୍ତାକାଲି ସକାଳ ୮ଟା ପର୍ଯ୍ୟନ୍ତ ବଳବତ୍ତର ରହିଛି।

## ଖଣ୍ଡଗିରି କୁମ୍ଭମେଳା

ଖଣ୍ଡଗିରି କୁମ୍ଭମେଳା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ମେଳା ଆୟୋଜନ ନେଇ ଅନୁଧ୍ୟାନ କରିଛନ୍ତି । ସେ କହିଛନ୍ତି, ଖଣ୍ଡଗିରି ମେଳାରେ ପରିମଳ ବ୍ୟବସ୍ଥା ସହ ସ୍ଥାୟୀ ଆଲୋକୀକରଣ ଓ ପାନୀୟ ଜଳ ଉପଲବ୍ଧତାକୁ ଗୁରୁତ୍ୱ ଦିଆଯାଇଛି। ଏହି ମେଳାରେ ପବିତ୍ର ପଞ୍ଚକୁଣ୍ଡର ପୁନରୁଦ୍ଧାର

କରାଯିବା ସହ ପ୍ରତି ୧୦୦ ମିଟରରେ ଜଣେ ଲେଖାଏଁ ସଫେଇ କର୍ମୀ ନିୟୋଜିତ ହେବେ ବୋଲି ବିଏମ୍‌ସି କମିଶନର କହିଛନ୍ତି।

## ସଖୀ ସହେଲି ସମ୍ମିଳନୀ

ପୁରୀରେ ଦୁଇଦିନିଆ ରାଜ୍ୟସ୍ତରୀୟ 'ସଖୀ ସହେଲି' ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ରାଜ୍ୟର ୫୦ଜଣ କିଶୋରୀଙ୍କ ପ୍ରେରଣାଦାୟକ ଜୀବନ କାହାଣୀ ପ୍ରଦର୍ଶିତ ହୋଇଛି ।

## କ୍ରିକେଟ ମ୍ୟାଚ୍

କଟକ-ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଆସନ୍ତା ବୁଧବାର ଠାରୁ ଅଫ୍‌ଲାଇନ୍‌ରେ ଟିକଟ ବିକ୍ରି ହେବ । ମ୍ୟାଚ୍ ପାଇଁ ଗତକାଲି ଅନ୍‌ଲାଇନ୍‌ରେ ପ୍ରାୟ ୪ ହଜାର ଟିକଟ ବିକ୍ରି ହୋଇଥିଲା । ସୂଚନା ଅନୁଯାୟୀ, ଅନଲାଇନ୍ ଟିକେଟ୍ କିଣିଥିବା ଦର୍ଶକ ଆସନ୍ତା ୭ ତାରିଖରୁ ୯ ତାରିଖ ମଧ୍ୟରେ କଟକ କେମ୍ବ୍ରିଜ ସ୍କୁଲ କିମ୍ବା ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଧାରିତ କାଉଣ୍ଟରରୁ ଟିକେଟ୍ ସଂଗ୍ରହ କରିପାରିବେ।

## ବର୍ତ୍ତମାନ ଖବର ସଂକ୍ଷେପରେ

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି ।

ଭୁବନେଶ୍ୱରରେ ଆସନ୍ତା ବୁଧବାରଠାରୁ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଆରମ୍ଭ ହୋଇ ୭ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଓଡ଼ିଶୀ, ପାଇକ, ଗୀତନାଟ୍ୟ, ମୋଗଲତାମସା ଆଦି ପ୍ରଦର୍ଶିତ ହେବ ।

ବୌଦ୍ଧ ଜିଲ୍ଲା ସର୍‌ସରାଠାରେ ରାଜ୍ୟସ୍ତରୀୟ ୨୧ତମ ବାବା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଅନୁଗୁଳର ନେତାଜୀ କ୍ଲବ ୪-୩ ଗୋଲରେ ବିଜୟଲାଭ କରି ଚାମ୍ପିୟନ ହୋଇଛି ।